# NATIONAL NEWS BULLETIN (ODIA)

**10 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା କ୍ଷେତ୍ରରେ ଗତ ୧୧ ବର୍ଷରେ ଘଟିଥିବା ପରିବର୍ତ୍ତନକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

- ଦେଶର ଅବହେଳିତ ଗୋଷ୍ଠୀଙ୍କୁ ସଶକ୍ତ କରି ବିକାଶ ପ୍ରକ୍ରିୟାରେ ସାମିଲ କରିବା ଲାଗି ଆହ୍ୱାନ ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

- ପ୍ରତିକୂଳ ପାଗ ଯୋଗୁଁ ଏକ୍‌ଜିଓମ-୪ ମିଶନ ଆଜି ପାଇଁ ସ୍ଥଗିତ

- ସମସାମୟିକ ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଭାରତ; କହିଛନ୍ତି ବାଚସ୍ପତି ଓମ୍ ବିର୍ଲା

ଏବଂ

- ଅଗ୍ନିବିପନ୍ନ ସିଙ୍ଗାପୁର ଜାହାଜରୁ ୧୮ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କଲା ଭାରତୀୟ ନୌବାହିନୀ

# ପିଏମ୍ ଡିଫେନ୍ସ ସେକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ ବର୍ଷରେ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଘଟିଥିବା ପରିବର୍ତ୍ତନକୁ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତିରକ୍ଷା ଉତ୍ପାଦନକୁ ପ୍ରୋତ୍ସାହିତ କରି ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ଏବଂ ସେନାର ଆଧୁନିକୀକରଣ ଦିଗରେ ସରକାର ଅନେକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ଦେଶବାସୀ କେବଳ ଯେ ଏକତା ଭାବ ପୋଷଣ କରିଛନ୍ତି, ତାହା ନୁହେଁ ବରଂ ପ୍ରତ୍ୟେକଟି କ୍ଷେତ୍ରରେ ଦେଶର ଦୃଢ଼ କବଚ ଭାବରେ ସାରା ବିଶ୍ୱକୁ ଭାରତର ଅଦମ୍ୟ ସାହସ ଓ ଶକ୍ତିର ପ୍ରତିଫଳନ ପ୍ରଦର୍ଶନ କରିଛନ୍ତି।

# ରାଜନାଥ-ଡିଫେନ୍ସ

ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ପ୍ରତିରକ୍ଷା କ୍ଷେତ୍ର ଐତିହାସିକ ପରିବର୍ତ୍ତନ ଦେଇ ଗତି କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଯୋଗୁଁ ଦେଶର ସୀମା ସୁଦୃଢ଼ ହେବା ସହ ସେନାବାହିନୀକୁ ଆଧୁନିକୀକରଣ କରାଯିବା ସହ ଦେଶର ପ୍ରସ୍ତୁତ ଅସ୍ତ୍ରଶସ୍ତ୍ର ସଫଳତାର ସହ ପ୍ରତିରକ୍ଷା କ୍ଷେତ୍ରକୁ ମଜଭୁତ କରିଛି। ସେ କହିଛନ୍ତି, ଏବେ ସାରା ବିଶ୍ୱ ଭାରତର ପ୍ରତିରକ୍ଷା କ୍ଷେତ୍ର ଏବଂ ପ୍ରତିରକ୍ଷା ଉତ୍ପାଦନକୁ ମାନ୍ୟତା ଦେଇଛି।

# ଆଇବି ମୁରୁଗାନ୍ ୧୧ ଇୟର

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷରେ କେନ୍ଦ୍ର ସରକାର ଆଖିଦୃଶିଆ ଉନ୍ନତି କରିଛନ୍ତି ଏବଂ ଦେଶବାସୀଙ୍କୁ ସୁଶାସନ ଯୋଗାଇ ଦିଆଯାଇଛି। ପୁଡୁଚେରୀରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୋଦୀ ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ସମ୍ବୋଧିତ କରି ମନ୍ତ୍ରୀ ଡକ୍ଟର ମୁରୁଗନ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶ ଦୁର୍ନୀତିର ଯୁଗରୁ ବାହାରକୁ ବାହାରି ଲୋକ କୈନ୍ଦ୍ରିକ ସ୍ୱଚ୍ଛ ଶାସନ ଦିଗକୁ ଅଗ୍ରସର ହେଉଛି। ସେ କହିଛନ୍ତି, ୧୧ ବର୍ଷ ମଧ୍ୟରେ ଦେଶର ୨୭ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟରୁ ବାହାରି ଥିବାବେଳେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି।

ଡକ୍ଟର ଏଲ୍.ମୁରୁଗନ କହିଛନ୍ତି, କେନ୍ଦ୍ର ସରକାର ମହିଳା ସଶକ୍ତିକରଣ, କୃଷକମାନଙ୍କ କଲ୍ୟାଣ ଏବଂ ଦାରିଦ୍ର୍ୟ ଦୂରୀକରଣ ଲାଗି ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି। ଜାମ୍ମୁ-କାଶ୍ମୀରରୁ ଧାରା-୩୭୦ ଉଚ୍ଛେଦକୁ ଏକ ସଫଳତା ଭାବେ ବର୍ଣ୍ଣନା କରି ମନ୍ତ୍ରୀ ଡକ୍ଟର ମୁରୁଗନ କହିଛନ୍ତି, ଅପରେସନ ସିନ୍ଦୂର ସାରା ବିଶ୍ୱରେ ଭାରତର ଦକ୍ଷତା ଏବଂ ଦୃଢ଼ତା ପ୍ରମାଣିତ କରିଛି।

# ଏଜୁକେସନ୍ ମିନିଷ୍ଟର-ହାଇଦ୍ରାବାଦ

ଦେଶର ଅବହେଳିତ ଗୋଷ୍ଠୀଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଦେଶ ବିକାଶର ପ୍ରତ୍ୟେକ ପଦକ୍ଷେପରେ ସାମିଲ କରିବା ଲାଗି କେନ୍ଦ୍ର

ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଜ୍ଞାନିକ, ଉଦ୍ଭାବକ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଆଜି ହାଇଦ୍ରାବାଦରେ ଗ୍ଲୋବାଲ ୟଙ୍ଗ ଏକାଡେମୀର ବାର୍ଷିକ ଉତ୍ସବରେ ଯୁବ ବୈଜ୍ଞାନିକମାନଙ୍କ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ବୈଜ୍ଞାନିକ ଏବଂ ଅନ୍ୟମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରାଯାଇ ଏକ ନିର୍ଦ୍ଦିଷ୍ଟ ଦିଗରେ ଅଗ୍ରସର ହେବାର ଆବଶ୍ୟକତା ରହିଛି। ସେ କହିଛନ୍ତି, ବିକଶିତ ଭାରତର ଲକ୍ଷ୍ୟ ପୂରଣ ଲାଗି ଏବଂ ମାନବ କୈନ୍ଦ୍ରିକ ବିକାଶକୁ ଅଗ୍ରାଧିକାର ଦେବା ଲାଗି ବିଜ୍ଞାନର ପ୍ରମୁଖ ଭୂମିକା ରହିଛି। ଏହି ଅବସରରେ ଶ୍ରୀ ପ୍ରଧାନ 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତାକୁ ସ୍ମରଣ କରି କହିଛନ୍ତି, ଏହା କେବଳ ଏକ ସ୍ଲୋଗାନ ନୁହେଁ ବରଂ ଭାରତ ପାଇଁ ଏକ ଜୀବନଶୈଳୀ ଅଟେ। ସେ କହିଛନ୍ତି, ବିଜ୍ଞାନ କେବଳ ଆବିଷ୍କାର କିମ୍ବା ସୃଷ୍ଟି ମଧ୍ୟରେ ସୀମିତ ନ ରହି ଆମ ଭବିଷ୍ୟତକୁ ଯେଭଳି ଏକ ସାକାର ରୂପ ପ୍ରଦାନ କରିପାରିବ, ସେ ଦିଗରେ ଉଦ୍ୟମ ହେବା ଜରୁରୀ। ଶ୍ରୀ ପ୍ରଧାନ ଆନ୍ତର୍ଜାତିକ ସୌର ମେଣ୍ଟ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ, ଲାଇଫ୍ ଅଭିଯାନ। ଆଦି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଏକ୍‌ଜିଓମ୍-ଫୋର୍

ପ୍ରତିକୂଳ ପାଗ ଯୋଗୁଁ ଏକ୍‌ଜିଓମ୍-ଫୋର୍ ମିଶନ୍‌କୁ ଆଜି ପାଇଁ ସ୍ଥଗିତ ରଖାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋର ଅଧ୍ୟକ୍ଷ ଭି. ନାରାୟଣମ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତାକାଲି ଭାରତୀୟ ସମୟ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ଉତ୍‌କ୍ଷେପଣ ପାଇଁ ସମୟ

ଧାର୍ଯ୍ୟ କରାଯାଇଛି । ଏହି ମିଶନ୍‌ରେ ଭାରତୀୟ ବାୟୁ ସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ମହାକାଶକୁ ଯାତ୍ରା କରିବେ ।

ଆମେରିକାର ଫ୍ଲୋରିଡ଼ା ସ୍ଥିତ କେନେଡ଼ି ମହାକାଶ କେନ୍ଦ୍ରରୁ ୩୯ ନମ୍ବର ଲଞ୍ଚ୍ ପ୍ୟାଡ୍‌ରୁ ଫାଲକନ୍-୯ ରକେଟ ଦ୍ୱାରା ଏହି ମହାକାଶ ଯାନକୁ ଉତ୍‌କ୍ଷେପଣ କରାଯିବ । ଏହି ଐତିହାସିକ ଅଭିଯାନରେ ଶ୍ରୀ ଶୁକ୍ଳାଙ୍କ ସମେତ ଆମେରିକା, ପୋଲାଣ୍ଡ ଏବଂ ହଙ୍ଗେରୀର ତିନି ଜଣ ଆନ୍ତର୍ଜାତିକ ମହାକାଶ ଷ୍ଟେସନ୍‌କୁ ଯାତ୍ରା କରିବେ । ସେମାନେ ହେଉଛନ୍ତି, ପୋଲାଣ୍ଡର ସ୍ଲାଓଜ ଉଜ୍‌ନାନ୍‌ସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର ପେଗି ହ୍ୱାଟସନ୍ । ମହାକାଶ ଷ୍ଟେସନ୍‌ରେ ଦୁଇ ସପ୍ତାହ ରହଣୀ ମଧ୍ୟରେ ଏହି ୩ ଜଣ ମହାକାଶଚାରୀ ୬୦ଟି ବୈଜ୍ଞାନିକ ଅଧ୍ୟୟନ କରିବେ । ୧୯୮୪ ମସିହାରେ ରାକେଶ ଶର୍ମାଙ୍କ ପରେ ଶୁଭାଂଶୁ ଶୁକ୍ଳା ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିବେ । ଏହି ମିଶନ୍ ନାସା, ଇସ୍ରୋ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ମହାକାଶ ସଂସ୍ଥା ମଧ୍ୟରେ ସମ୍ପର୍କ ଦୃଢ଼ କରିବ ବୋଲି ଆଶା କରାଯାଇଛି ।

ଏକ୍‌ଜିଓମ୍-ଫୋର୍ ମିଶନ୍ ଦ୍ୱାରା ଜାରି ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ଶୁକ୍ଳା କହିଛନ୍ତି, ଏକ ବହୁତ ବଡ଼ ପଦକ୍ଷେପର ଅଂଶ ହେଉଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି । ମହାକାଶ ଗବେଷଣା ଏବଂ ଭବିଷ୍ୟତର ଦୀର୍ଘକାଳୀନ ମହାକାଶ ମିଶନ୍‌କୁ ସମର୍ଥନ କରିବା ଏବଂ କକ୍ଷପଥରେ ସଂଗୃହିତ ତଥ୍ୟ ଦ୍ୱାରା ପୃଥିବୀ ଆଧାରିତ ଅଧ୍ୟୟନକୁ ସହଯୋଗ ପ୍ରଦାନ କରିବା ଏହି ମିଶନ୍‌ର ଲକ୍ଷ୍ୟ ବୋଲି ଜଣାପଡ଼ିଛି ।

ସୂଚନା ଯୋଗ୍ୟ ଏହି ମିଶନ୍‌ର ଉତ୍‌କ୍ଷେପଣ ପାଇଁ ଆଜି ଭାରତୀୟ ସମୟ ସନ୍ଧ୍ୟା ୫ଟା ୫୨ ମିନିଟ୍‌କୁ ସମୟଧାର୍ଯ୍ୟ କରାଯାଇଥିଲା ।

# ବିର୍ଲା–ଆଇଆଇଟି

ଦେଶର ଯୁବ ପ୍ରତିଭା ଏବଂ ପ୍ରଯୁକ୍ତି ବିଦ୍ୟା ନବସୃଜନର ଶକ୍ତି ମାଧ୍ୟମରେ ସମସାମୟିକ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ଭାରତ ବିଶ୍ୱରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଆଇ.ଆଇ.ଟି. ଯୋଧପୁର ଏକ ସମାବେଶକୁ ସମ୍ବୋଧନ କରି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହା କହିଛନ୍ତି । ସାମାଜିକ, ଅର୍ଥନୈତିକ ଓ ପ୍ରଯୁକ୍ତି ବିଦ୍ୟା ଉନ୍ନତି କ୍ଷେତ୍ରରେ ଦେଶର ଯୁବପିଢ଼ିଙ୍କ ଅବଦାନକୁ ସେ ଉଚ୍ଚପ୍ରଶଂସା କରିଛନ୍ତି । ଯୁବବର୍ଗ କ୍ରମଶଃ ନିଯୁକ୍ତି ଅନ୍ୱେଷଣରୁ ଉପରକୁ ଉଠି ନିଯୁକ୍ତିକର୍ତ୍ତା ଭାବେ ପରିବର୍ତ୍ତିତ ହେଉଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

**V/O– Om Birla Technology**

ଏ କ୍ଷେତ୍ରରେ ଦେଶର ଆଇ.ଆଇ.ଟି. ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଆଇ.ଆଇ.ଟି.ର ସ୍ନାତକ ଷ୍ଟାଟଅପ୍ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ସହ ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଶ୍ରୀ ବିର୍ଲା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଖେଳଣା ଠାରୁ ଆରମ୍ଭ କରି ପ୍ରତିରକ୍ଷା ଉପକରଣ ଉତ୍ପାଦନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ଉପରେ ଶ୍ରୀ ବିର୍ଲା ଆଲୋକପାତ କରିଛନ୍ତି । ଏହି ଅବସରରେ ବାଚସ୍ପତି ଶ୍ରୀ ବିର୍ଲା ସେଠାରେ ଅତ୍ୟାଧୁନିକ ଶିକ୍ଷାଦାନ ପରିସର-୨ର ଉଦ୍‌ଘାଟନ କରିଛନ୍ତି ।

# ଗୋଏଲ ସ୍ୱିଜରଲ୍ୟାଣ୍ଡ

ସ୍ୱିଜରଲାଣ୍ଡ ଗସ୍ତରେ ଯାଇଥିବା କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ଇଣ୍ଡିଆ–ଏଫଟା ବାଣିଜ୍ୟ ଓ ଅର୍ଥନୈତିକ ଭାଗିଦାରୀ ବୁଝାମଣା ସମ୍ପର୍କରେ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋଏଲ କହିଛନ୍ତି, ଭାରତ ଏବଂ ସ୍ୱିଜରଲାଣ୍ଡ ମଧ୍ୟରେ ଏହି ବୁଝାମଣା ଯୋଗୁଁ ନିବେଶ ସୁଯୋଗ ବୃଦ୍ଧି ପାଇବା ସହ ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ଭାଗିଦାରିତା ଆହୁରି ସୁଦୃଢ଼ ହେବ।

ପୂର୍ବରୁ ମନ୍ତ୍ରୀ ଶ୍ରୀ ଗୋଏଲ କହିଥିଲେ, ଭାରତ ଏବଂ ୟୁରୋପୀୟ ସଂଘର ଚାରୋଟି ଦେଶ ସହ ମୁକ୍ତ ବ୍ୟବସାୟିକ ବୁଝାମଣା ଆସନ୍ତା ସେପ୍ଟେମ୍ବରରୁ କାର୍ଯ୍ୟକାରୀ ହେବ। ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଗଠନ–ଏଫ୍‌ଟା, ଆଇସଲାଣ୍ଡ, ଲିଚେନ୍‌ଷ୍ଟିନ୍, ନରୱେ ଏବଂ ସ୍ୱିଜରଲାଣ୍ଡକୁ ନେଇ ଗଠିତ। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି, ଆଜି ସାରା ବିଶ୍ୱ ଭାରତକୁ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ପରିଗଣିତ କରୁଥିବା ବେଳେ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଗ୍ରହଣ କରିଛି। ସେ କହିଛନ୍ତି, ଭାରତ ଏବେ ପୁଞ୍ଜିନିବେଶର ପ୍ରମୁଖ ରାଷ୍ଟ୍ର ପାଲଟିଛି। ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଚେଷ୍ଟା ଯୋଗୁଁ ଭାରତ ବିଶ୍ୱର ପାଞ୍ଚୋଟି ବୃହତ୍ ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛି।

## ନେଭି- ରେସ୍କ୍ୟୁ ଅପରେସନ୍

ସିଙ୍ଗାପୁରର ଏମ୍.ଭି. ଓ୍ୱାନ୍ ହାଇ-୫୦୩ ଜାହାଜର ୨୨ ଜଣ କ୍ରୁ୍ୟ ସଦସ୍ୟଙ୍କ ମଧ୍ୟରୁ ଭାରତୀୟ ନୌବାହିନୀ ଏବଂ ତଟରକ୍ଷା ବାହିନୀ ୧୮ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ସମ୍ପୃକ୍ତ ଜାହାଜରେ ବିସ୍ଫୋରଣ ଘଟିବା ଯୋଗୁଁ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା। ନୌବାହିନୀ ପକ୍ଷରୁ କୁହାଯାଇଛି, ଗତକାଲି ସକାଳ ୯ଟା ୩୦ ମିନିଟ୍ ସମୟରେ ଏହି ଦୁର୍ଘଟଣା ସମ୍ପର୍କରେ ଖବର ମିଳିବା ପରେ ଆଇ.ଏନ୍.ଏସ୍.-ସୁରତ୍ ଏବଂ ଏକ ନୌସେନା ଜାହାଜକୁ ଉଦ୍ଧାର କାର୍ଯ୍ୟ ପାଇଁ ମୁତୟନ କରାଯାଇଥିଲା। ଆହତ କ୍ରୁ୍ୟ ସଦସ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ସମ୍ପୃକ୍ତ ଜାହାଜଟି ନ୍ୟୁ ମାଙ୍ଗାଲୋର ଆଡ଼କୁ ଗତି କରୁଛି।

## କର୍ଣ୍ଣାଟକ- ଷ୍ଟାମ୍ପେଡ୍

ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ବେଙ୍ଗାଲୁରୁ ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ବାହାରେ ଘଟିଥିବା ଦଳାଚକଟା ଘଟଣାରେ କର୍ଣ୍ଣାଟକ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜଉମୁଦ ଲଫାପାରେ ଜବାବ ଦାଖଲ ଲାଗି ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଜ ଆଡୁ ଏହି ମାମଲାରେ ପକ୍ଷ ହେବା ଲାଗି ଇଚ୍ଛା ପ୍ରକାଶ ପରେ କର୍ଣ୍ଣାଟକ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଭି.କାମେଶ୍ୱର ରାଓ ଏବଂ ଜଷ୍ଟିସ ସି.ଏମ୍. ଯୋଶୀ ମାମଲାର ଶୁଣାଣି କରିଥିଲେ। ପୂର୍ବରୁ ହାଇକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ଏହି ଘଟଣାର କାରଣ ଦର୍ଶାଇବା ଏବଂ ଭବିଷ୍ୟତରେ ଯେଭଳି ଏଭଳି ଘଟଣା ନ ହେବ ସେଥିପାଇଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ବିଷୟରେ ଜଣାଇବାକୁ ନିର୍ଦ୍ଦେଶ

ଦେଇଥିଲେ। ସୂଚନାଯୋଗ୍ୟ, ଏହି ଦଳାଚକଟା ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ ଜଣ ଆହତ ହୋଇଥିଲେ। ଆସନ୍ତା ଗୁରୁବାର ଦିନ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।